## "ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ"ଦିବସ ପାଳିତ।

ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ "ଆନ୍ତର୍ଜାତୀୟ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ୨୦୨୩" ଗତକାଲି ପାଳିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ଅଧ୍ୟକ୍ଷତା କରି ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଗଛ ଲଗାଇବା ,ଜଙ୍ଗଲ ସୁରକ୍ଷା କରିବା,ଶକ୍ତିର ବିକଳ୍ପ ମାଧ୍ୟମ ଆପଣାଇବା, ପରିବେଶ ଅନୁକୂଳ ଯାନ ବ୍ୟବହାର କରିବା ଓ ବ୍ୟକ୍ତିଗତ ଯାନ ବଦଳରେ ସାଧାରଣ ପରିବହନ ଯାନର ଉପଯୋଗ କରିବା, ଅଳ୍ପ ଦୂର ଯାତ୍ରା ପାଇଁ ମୋଟର ଯାନ ବ୍ୟବହାର ବଦଳରେ ପାଦରେ ଚାଲିବା କିମ୍ବା ସାଇକେଲ ବ୍ୟବହାର କରିବା ଓ ଜଙ୍ଗଲରେ ନିଆଁ ନ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଧନଞ୍ଜୟ ବେହେରା ଏହି ଦିବସକୁ ବିଦ୍ୟାଳୟ ଓ ଗୋଷ୍ଠୀ ସ୍ତରରେ ପାଳନ କରି ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲୀପ କୁମାର ପଟ୍ଟନାୟକ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା ,ଡା.ବିନୋଦ କୁମାର ସାହୁ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ।